## ବାଲେଶ୍ୱର ପୌରପାଳିକା,ବାଲେଶ୍ୱର

ସଂଖ୍ୟା- ୪୮୦୩ ତାରିଖ- ୧୮/୦୭/୨୦୨୨

### ସଂଶୋଧିତ ନିଲାମ ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବାଲେଶ୍ୱର ପୌର ପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସ ଗୁଡିକ ପାର୍ଶ୍ୱରେ ଦର୍ଶଯାଇଥିବା ଆଗାମୀ ସମୟ ଅବଧି ଅନୁସାରେ ଉଦ୍ଦିଷ୍ଟ ସରତବଳି ଅନୁଯାଇ ନିଲାମ ଦିଆଯିବ । ଏଥିନିମନ୍ତେ ଇଚ୍ଛୁକ ବ୍ୟକ୍ତି / ସଂସ୍ଥା ତା ଅପରାହ୍ନ ୨୮.୦୭.୨୦୨୨ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଟେଣ୍ଡର ଦାଖଲ କରିବେ । ଉପୋରୋକ୍ତ ଟେଣ୍ଡର ତା ୨୯.୦୭.୨୦୨୨ ରିଖ ଅପରାହ୍ନ ୦୩.୦୦ ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ । ପ୍ରତ୍ୟେକ ଉତ୍ସଗୁଡିକର ନାମ ପୌର କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ ପ୍ରକାଶ ପାଇବ । ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ । ଯଦି କୌଣସି ଟେଣ୍ଡର ଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ ତେବେ ମଧାନ ଉପୋରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି ।

| କ୍ର. ସଂଖ୍ୟା | ଉତ୍ସ ଗୁଡିକର ନାମ | ସମୟ ଅବଧି | ସର୍ବନିମ୍ନ ମୂଲ୍ୟ ଟଙ୍କାରେ | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|
| ୦୧ | ଶାନ୍ତିକାନନ ହତା ମଧରେ ଥିବା ନଡ଼ିଆ ଗଛର ଫଳ | ୦୧.୦୮.୨୦୨୨ରୁ ୩୧.୦୩.୨୦୨୩ | ଟ. ୪,୧୦୪/- | |
| ୦୨ | ଗୋପବନ୍ଧୁ ପାର୍କ ହତା ମଧରେ ଥିବା ନଡ଼ିଆ ଗଛର ଫଳ | ଏଜନ | ଟ.୮,୨୯୮/- | |
| ୦୩ | ପୌରପାଳିକା ହତା ମଧରେ ଥିବା ନଡିଆ ଗଛ ର ଫଳ | ଏଜନ | ଟ. ୧୭,୨୭୨/- | |
| ୦୩ | ନୂଆ ବଜାର ମାଛ ଓ ପରିବା ବଜାର ରୁ ବଟି ଆଦାୟ(ଦୋକାନ ପ୍ରତି ଦୈନିକ ଦଶ ଟଙ୍କା) | ଏଜନ | ଟ.୯,୧୭,୪୧୭/- | |
| ୦୪ | କଚେରୀ ବଜାର ,ବିଚାରଗଞ୍ଜ ଅଞ୍ଚଳ ଓ କଚେରୀ ରୋଡ ରୁ ବଟୀ ଆଦାୟ (ଦୋକାନ ପ୍ରତି ଦୈନିକ ଦଶ ଟଙ୍କା) | ଏଜନ | ଟ.୪,୧୦,୯୭୮/- | |
| ୦୫ | ମଣ୍ଡଲ ବଜାର , ମୋତିଗଞ୍ଜ ଠାରୁ ମିଶନ ବାଳକ ହାଇ ସ୍କୁଲ ପର୍ଯ୍ୟନ୍ତ ବଟି ଆଦାୟ(ଦୋକାନ ପ୍ରତି ଦୈନିକ ଦଶ ଟଙ୍କା) | ଏଜନ | ଟ.୩,୭୯,୨୮୦/- | |
| ୦୬ | କିଲ୍ଲା ପୋଖରୀ ନିକଟସ୍ଥ ଚିଲ୍ଡ୍ରେନ ପାର୍କ ଟିକଟ ଆଦାୟ | ଏଜନ | ଟ.୮,୮୭୨//- | |
| ୦୭ | କିଲ୍ଲା ପୋଖରୀ ନିକଟସ୍ଥ ସୁଲଭ ଶୌଚଳୟ | ଏଜନ | ଟ.୧,୪୫୨/- | |
| ୦୮ | Collection of parking fees from Union bank old stadium, North hostel road, FM College chhaka , Tarini petrol pump to Mathasahi chhaka , Tarini chhaka to end of municipality boundary. Zone-1(western side) ଦଶ ଟଙ୍କା ପ୍ରତି ଦୁଇ ଚକିଆ ଯାନ ପାଇଁ ଏବଂ କୋଡିଏ ଟଙ୍କା ପ୍ରତ୍ୟେକ ଚାରି ଚକିଆ ଯାନ ପାଇଁ | ଏଜନ | ଟ. ୨,୭୪,୯୩୭/- | |
| ୦୯ | Collection of parking fees from Hero Honda Show room to Town Thana chhak, Motiganja, Golapokhari, Raghunatha press to end of Muncipal Boundry(Estern side, Zone-II) ଦଶ ଟଙ୍କା ପ୍ରତି ଦୁଇ ଚକିଆ ଯାନ ପାଇଁ ଏବଂ କୋଡିଏ ଟଙ୍କା ପ୍ରତ୍ୟେକ ଚାରି ଚକିଆ ଯାନ ପାଇଁ | ଏଜନ | ଟ .୫,୮୪,୭୦୪/- | |
| ୧୧ | ସହର ମଧରେ ବିଜ୍ଞାପନ ନିମନ୍ତେ ହୋର୍ଡିଂ | ଏଜନ | ଟ.୨୧,୦୫,୮୭୪/ (Excluding GST) | |

ବିଶେଷ ଦ୍ରଷ୍ଟବ୍ୟ:- ଉପରୋକ୍ତ ନିଲାମ ବିଜ୍ଞାପନଟି ପୂର୍ବରୁ ପ୍ରକାଶିତ ହୋଇଥିବା ଉକ୍ତ କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୪୪୦୫ ,ତା-୧୮.୦୭.୨୦୨୨ ରିଖ ର ସଂଶୋଧିତ ନିଲାମ ବିଜ୍ଞାପନ ଅଟେ ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

# ସର୍ତ୍ତାବଳୀ

୧- ଉପରୋକ୍ତ ଉତ୍ସ ଗୁଡିକ ର ଆଗାମୀ ସମୟ ସୀମା ନିମନ୍ତେ ପଟ୍ଟାଦାରି ପାଇଁ ଇଚ୍ଛୁକ ଟେଣ୍ଡରଦାତା ମାନେ ସେମାନଙ୍କ ର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କରି ସମ ପରିମାଣରେ ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ମାଧମରେ ଟେଣ୍ଡର କାଗଜ ଆଦି ସହ ଦାଖଲ କରିବା ହେବେ । ନଚେତ ତାଙ୍କର ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୨- ପୌର ପାଳିକାର ପୂର୍ବରୁ ପଟ୍ଟାଦାରି ନେଇଥିବା ବ୍ୟକ୍ତି / ସଂସ୍ଥା ଯଦି ପୂର୍ବ ନିଲାମର ରାଶି ପଇଠ କରିଥିବାର ଅବହେଳା କରିଥିବେ ତେବେ , ସେହି ବ୍ୟକ୍ତି / ସଂସ୍ଥା ଉକ୍ତ ନିଲାମ ରେ ଭାଗ ନେଇପାରିବେ ନାହିଁ ।

୩- ଆଗ୍ରହୀ ଟେଣ୍ଡର ଦାତା ମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କାଗଜାତ ଓ ସମପରିମାଣର ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ସହ ରେଜିଷ୍ଟ୍ରି ଡାକ/ସ୍ପିଡ ପୋଷ୍ଟ କିମ୍ବା ପୌରପାଳିକାର ଥିବା ଟେଣ୍ଡର ବାକ୍ସ ରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପହଞ୍ଚାଇବା ହେବେ । ନିର୍ଦ୍ଧାରିତ ସମୟସୀମା ପରେ କୌଣସି ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ । ଡାକ ଯୋଗେ ବିଳମ୍ବ ପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୪- ଟେଣ୍ଡର ଲଫାପା ଉପରେ ଟେଣ୍ଡର ଦାତା ମାନେ ଯେଉଁ ଉତ୍ସ ପାଇଁ ଆବେଦନ କରିଥିବେ ତାହା ଉଲ୍ଲିଖିତ କରିବା ହେବେ । ପ୍ରତ୍ୟେକ ଉତ୍ସ ପାଇଁ ପୃଥକ କାଗଜାତ ଓ ଲଫାପା ବ୍ୟବହାର କରିବା ହେବେ ।

୫- ଅସଫଳ ଟେଣ୍ଡର ଦାତା ମାନଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ ଡ୍ରାଫ୍ଟ ପୌର ପାଣ୍ଠିରେ ଜମାପୂର୍ବକ ସମପରିମାଣର ଅର୍ଥ ଜମାକାରୀଙ୍କୁ ଚେକ ମାଧମରେ ଆବେଦନ ତାରିଖ ଠାରୁ ଏକ ମାସ ମଧ୍ୟରେ ଫେରସ୍ତ କରାଯିବ । ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି / ସଂସ୍ଥା ଙ୍କୁ ଆଗାମୀ ଦୁଇ ଆର୍ଥିକ ବର୍ଷ ନିମନ୍ତେ ପଟ୍ଟାଦାରି ଦିଆଯିବାକୁ ବିଚାର କରାଯାଇପାରେ ।

୬- ସର୍ବୋଚ୍ଚ ଟେଣ୍ଡରଦାତା ପଟ୍ଟାଦାରି ପାଇବାର ଭାରତ ସରକାର କିମ୍ବା ଓଡିଶା ସରକାର ଙ୍କ ଦ୍ୱାରା ପ୍ରଣିତ ନିୟମାବଳୀ କୁ ସମୁଚିତ ଭାବରେ ପାଳନ କରିବା ହେବେ । ଯଦି ପୌରକର୍ତ୍ତୃପକ୍ଷ ଙ୍କ ଦ୍ୱାରା ଉକ୍ତ ପଟ୍ଟାଦାରି ଉତ୍ସର ଆବଶ୍ୟକତା ଉପଲବ୍ଧ ହୁଏ ସର୍ବୋଚ୍ଚ ନିଲାମଧାରୀ ଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥ ରାଶିକୁ ବିନା ସୁଧରେ ଫେରସ୍ତ କରାଯାଇ ଉତ୍ସଟିକୁ ପୌରପାଳିକା କର୍ତ୍ତୃତ୍ୱାଧୀନ କରାଯିବ ।

୭- କୌଣସି ପରିସ୍ଥିତିରେ ସର୍ବୋଚ୍ଚ ନିଲାମ ଟେଣ୍ଡର ପୌରପାଳିକା ତରଫରୁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟ ଠାରୁ କମ ଗ୍ରହଣ ଯୋଗ୍ୟ ହେବ ନାହିଁ ।

୮- ପୌରପରିଷଦ ଦ୍ୱାରା ପ୍ରଦତ୍ତ ,ନିର୍ଦ୍ଧାରିତ ହାରରେ ନିର୍ଦ୍ଦିଷ୍ଟ ସ୍ଥାନରୁ ପାର୍କିଂ ଫି ଓ ରାସ୍ତାପାର୍ଶ୍ୱ ବିକ୍ରି ପଟ୍ଟାଦାର ଅସୁଲ କରିବେ । ଏହାଠାରୁ ଅଧିକ ଦର କିମ୍ବା ଅନ୍ୟ ସ୍ଥାନ ରୁ ଅସୁଲ ଆଦାୟ କରିପାରିବେ ନାହିଁ ।

୯- ସର୍ବୋଚ୍ଚ ଟେଣ୍ଡର ମୂଲ୍ୟ କୁ ଗ୍ରହଣ କରିବା ପାଇଁ ପୌର କର୍ତ୍ତୃପକ୍ଷ ବାଧ ନୁହନ୍ତି । କୌଣସି କାରଣ ନଦର୍ଶାଇ ଯେ କୌଣସି ଟେଣ୍ଡର କିମ୍ବା ସମସ୍ତ ଟେଣ୍ଡର କୁ ରଦ୍ଦ କରିବାର କ୍ଷମତା ପୌର କର୍ତ୍ତୃପକ୍ଷ ଙ୍କ ଠାରେ ରଖାଯାଇଛି । ଏଥିନିମନ୍ତେ କୌଣସି କଇଫତ ପ୍ରଦାନ କରିବା ପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ନୁହନ୍ତି ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା

ପରିପତ୍ର ସଂଖ୍ୟା ୪୮୦୪ ତା ୧୮/୦୩/୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, ବାଲେଶ୍ୱର/ ଉପ-ଜିଲ୍ଲାପାଳ, ବାଲେଶ୍ୱର / ତହସିଲଦାର, ବାଲେଶ୍ୱର / ସବ-ରେଜିଷ୍ଟ୍ରାର ,ବାଲେଶ୍ୱର/ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ, ବାଲେଶ୍ୱର/ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ, ବାଲେଶ୍ୱର/ସୂଚନା ଓ ଲୋକସମ୍ପର୍କ ଅଧିକାରୀ/ବ୍ଲକ ଉନ୍ନୟନ ଅଧିକାରୀ,ସଦର,ବାଲେଶ୍ୱର/ଆଞ୍ଚଳିକ ପରିବହନ ଅଧିକାରୀ,ବାଲେଶ୍ୱର/ଜିଲ୍ଲା ନିଯୋଜନ ଅଧିକାରୀ,ବାଲେଶ୍ୱର/ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବାଲେଶ୍ୱର/ଆରକ୍ଷୀ ଅଧିକ୍ଷକ,ବାଲେଶ୍ୱର ଙ୍କ ବିହୀତ ଅବଗତି ନିମନ୍ତେ ଜଣାଇ ଦିଆଯାଇ ଅନୁରୋଧ କରାଗଲା ଯେ ସେମାନେ ଉକ୍ତ ବିଜ୍ଞାପନ କୁ ନୋଟିସ ବୋର୍ଡ ରେ ପ୍ରଦର୍ଶନ କରାଇବା ହେବେ ।

ନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା